# ପିଲାଙ୍କ ଧରିତ୍ରୀ

ଶନିବାର, ୬ ଅଗଷ୍ଟ, ୨୦୨୨





## ଖିଲି ଖିଲି ହସ

(ଦିନେ ରାମୁ ଘରକୁ ଫେରିଲା ପରେ..)
**ବାପା:** କେଉଁଠି ଥିଲୁ ?
**ରାମୁ:** ସାଙ୍ଗ ଘରେ ଥିଲି।
ରାମୁ ସାମ୍ନାରେ ବାପା ତା'ର ଦଶଜଣ ସାଙ୍ଗଙ୍କୁ ଫୋନ୍ କଲେ।
**୪ ନମ୍ବର ସାଙ୍ଗ କହିଲା:** ହଁ , ଅଙ୍କଲ ରାମୁ ଏଇଠି ଅଛି।
**୨ ନମ୍ବର ସାଙ୍ଗ କହିଲା:** ଏବେ ଗଲା।
**ତିନି ନମ୍ବର ସାଙ୍ଗ କହିଲା:** ଏଇଠି ପାଠ ପଢୁଛି, ଫୋନ୍ ଦେବି କି ?
**ଏକ ନମ୍ବର ସାଙ୍ଗ କହିଲା:** କୁହ ବାପା କ'ଣ ହେଲା। ଏତକ ବାପା ଶୁଣିଲା ପରେ ବାପାଙ୍କର ଗୋଟିଏ ବି ମାଡ଼ ତଳେ ପଡ଼ିନି।

---

ସଞ୍ଜୁର ମ୍ୟାଥ୍ ପରୀକ୍ଷା ଥିଲା। ସେ ପରୀକ୍ଷା ଦେବାକୁ ଯାଇଥାଏ।
**ପରୀକ୍ଷକ:** ୩+୫ କେତେ ହେବ ?
**ସଞ୍ଜୁ:** ୮।
**ପରୀକ୍ଷକ:** ୭+୩ ?
**ସଞ୍ଜୁ:** ୧୦।
**ପରୀକ୍ଷକ:** ୮+୮ ?
**ସଞ୍ଜୁ:** ଜଣା ନାହିଁ ସାର୍।
**ପରୀକ୍ଷକ:** କାହିଁକି ଜାଣିନୁ ?
**ସଞ୍ଜୁ:** କାହିଁକି ନା ମୋ ପାଖରେ କେବଳ ୧୦ଟି ଆଙ୍ଗୁଠି ଅଛି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଖୁସିର ଲୁହ

**ଗପ**



ଆଜି ରାଖୀ ପୂର୍ଣ୍ଣିମାରେ ଘରେ କାମ କରୁଥିବା ରମେଶ ଅଚାନକ ସକାଳୁ ସକାଳୁ କୁଆଡ଼େ ଚାଲି ଯାଇଥିଲା। ସମସ୍ତେ ବ୍ୟସ୍ତ ବିବ୍ରତ ହୋଇ ପଡ଼ିଥିଲେ ରମେଶର ଅନୁପସ୍ଥିତିରେ। ସମସ୍ତଙ୍କ ମନରେ ସେଇ ଗୋଟିଏ ପ୍ରଶ୍ନ କାହାକୁ କିଛି ନ ଜଣେଇ ରମେଶ ଗଲା କୁଆଡ଼େ ?

ଏପଟେ ସୁଧା ମା'ଙ୍କୁ କହି ରାଖୀର ଥାଳିକୁ ସଜେଇ ରଖିଥିଲା ଯେଉଁଥିରେ ଥିଲା ମିଠା, ମୋତିର ରାଖୀ ଆଉ ଆରତି କରିବାର ସାମଗ୍ରୀ ସବୁ। ଏପଟେ ଅନିଲ, ରୁଚିର୍ ଭାଇ ମଧ୍ୟ ଗାଧୋଇପାଧୋଇ ପ୍ରସ୍ତୁତ ହୋଇସାରିଥିଲେ। ସୁଧା ତା'ର ଦୁଇ ଭାଇଙ୍କ ହାତରେ ରାଖୀ ବାନ୍ଧି ସାରିଥିଲା। ଏବେ ସୁଧାର ଆଖି ଖୋଜୁଥିଲା ରମେଶକୁ। ହଠାତ୍ ସୁଧାର ମନେପଡ଼ିଲା ରମେଶ ପ୍ରାୟତଃ ବୁଦ୍ଧ ପାର୍କକୁ ଯାଏ। ବେଳେ ବେଳେ ସୁଧା ମଧ୍ୟ ଯାଏ ତା' ସହିତ।

ଠିକ୍ ସେତିକି ବେଳେ ମା' ଆସି ସୁଧାକୁ ଖାଇବା ପାଇଁ ଡାକିଲେ, କିନ୍ତୁ ଶୀଘ୍ର ଫେରି ଆସିବାର ଆଶ୍ୱାସନା ଦେଇ ସେ ତର ତର ହୋଇ ଚାଲିଲା ବୁଦ୍ଧ ପାର୍କ ଆଡ଼େ। ତା'ର ମନେ ପଡ଼ିଲା ଥରେ ରମେଶ ତାକୁ କହିଥିଲା ତା' ଭଉଣୀ ବିଷୟରେ... ଯିଏ ଏବେ ଆଉ ଜୀବିତ ନାହିଁ ଏଇ ଦୁନିଆରେ। ଯେଉଁଥି ପାଇଁ ରମେଶ ଲାଗି ଏଇ ରାଖୀର ଦିନଟି ହେଉଛି ବହୁତ ଯନ୍ତ୍ରଣାମୟ। ଏମିତି କେତେ କ'ଣ ଭାବି ଭାବି ସେ ଯାଇ ପହଞ୍ଚିଗଲା ପାର୍କରେ। ସୁଧା ଦେଖିଲା ରମେଶ ପାର୍କର ଗୋଟିଏ କୋଣରେ ବସି କାନ୍ଦୁଛି। ରମେଶର ମଧ୍ୟ ଜଣେ ଅପା ଥିଲେ ଚନ୍ଦ୍ରମା ଅପା। ବିଲ୍‌କୁଲ୍ ଚନ୍ଦ୍ରମା ପରି ଶାନ୍ତ ଆଉ ଶୀତଳ। ରମେଶର ମନେ ଅଛି ଦିନଟେ ପାଇଁ ବି ତା' ଅପା ତାକୁ ଟାଣ କଥା କହି ନ ଥିଲା କି ତା' ଉପରକୁ ହାତ ଉଠେଇ ନ ଥିଲା। ତାକୁ ଜନ୍ମ ଦେଇ ଆରପାରିକୁ ଚାଲି ଯାଇଥିଲେ ତା' ମା'। ତା'ପରେ ତ ସତେଯେମିତି ଚନ୍ଦ୍ରମା ଅପା ହେଇ ଯାଇଥିଲେ ତା'ର ମା'। ସେ ବହୁତ ଯତ୍ନ ନେଉଥିଲା ରମେଶର। ନିଜେ ଅନ୍ୟମାନଙ୍କ ଘରେ କାମ କରି ତାକୁ ସ୍କୁଲ ପଠାଉଥିଲା। ହେଲେ ଘରର ଆର୍ଥିକ ଅବସ୍ଥାରେ ଅବନତି ଘଟିବାରୁ ଆଉ ସ୍କୁଲ୍ ଯାଇପାରିଲାନି ରମେଶ। ତା' ଅପା ଆଉ ବାପାଙ୍କୁ କିଛିଟା ସାହାଯ୍ୟ କରିପାରିବ ଏୟା ଭାବିକି ସେ ସେହି ଗାଁର ସରପଞ୍ଚଙ୍କ ପାଖରେ ଚାକିରି କରିବାକୁ ଲାଗିଲା। କିଛି ଦିନ ପରେ ତା' ବାପା ବାହାଘର କରିଦେଲେ ଅପାର। ଚନ୍ଦ୍ରମା ଅପା ଚାଲିଗଲା ତା' ଶାଶୁଘରକୁ। ହେଲେ ଯିବା ବେଳେ ସେ ରମେଶକୁ ବହୁତ ବୁଝେଇଶୁଝେଇ ଯାଇଥିଲା। ସେ ସେଦିନ ବହୁତ କାନ୍ଦିଥିଲା। ତା'ପରେ ତିନି ବର୍ଷ ଯାଏ ତା' ଅପାଠୁ ରାଖୀ ବନ୍ଧାଉ ଥିଲା। ହେଲେ ଗୋଟିଏ ଦୁର୍ଘଟଣାରେ ତା' ଅପା ଚାଲିଗଲା ଆରପାରିକୁ ପୁଣି ତାକୁ ମା' ଛେଉଣ୍ଡ କରିଦେଇ। ଏତେ ବଡ଼ ଆଘାତକୁ ସହଜରେ ସହିପାରିଲାନି ରମେଶ। ତେଣୁ ଗାଁ ଛାଡ଼ି ଚାଲି ଆସିଲା ସହରକୁ। ଆଉ ଏଇଠି ସୁଧା ଘରେ କାମଦାମ କରି ରହିଗଲା ଚାକର ଭାବରେ। ଏମିତି କେତେ କ'ଣ ସ୍ମୃତି ଭିତରେ ହଜି ଯାଇ ଆଖିରୁ ଲୁହ ଗଡ଼ାଉଥିଲା ରମେଶ। ଠିକ୍ ସେହି ସମୟରେ ସୁଧା ରମେଶର କାନ୍ଧରେ ହାତ ରଖିଲା। ରମେଶ ତୁରନ୍ତ ନିଜ ଆଖିର ଲୁହକୁ ପୋଛି ପଛକୁ ବୁଲି ଦେଖିଲା ବେଳକୁ ଛିଡ଼ା ହୋଇ ହସୁଥିଲା ସୁଧା। ରମେଶକୁ ଦେଖି ଆଶ୍ୱସ୍ତିରେ ଦୀର୍ଘଶ୍ୱାସଟିଏ ପକେଇଲା ସୁଧା, ଆଉ ରମେଶର ମୁଣ୍ଡରେ ହାତ ରଖି କହିଲା, ଆରେ ବାଇଆ ; ତୁ କାନ୍ଦୁଛୁ କ'ଣ ପାଇଁ ? ତୁ କ'ଣ ଭାବୁଛୁ ଏଇ ଦୁନିଆରେ ତୋର ଚନ୍ଦ୍ରମା ଅପା ଆଉ ଜୀବିତ ନାହାନ୍ତି ? ହେଇ ଦେଖ, ତୋ ସାମ୍ନାରେ ମୁଁ ଛିଡ଼ା ହେଇଛି, ତୋର ଚନ୍ଦ୍ରମା ଅପା। ରାଖୀ ପୂର୍ଣ୍ଣିମାରେ ଆଉ ତୋ ହାତ ଖାଲି ରହିବନି। ଆଜିଠୁ ମୁଁ ହେଉଛି ତୋର ଚନ୍ଦ୍ରମା ଅପା।

ସୁଧା ତା' ଓଢ଼ଣିରେ ରମେଶ ଆଖିରୁ ବୋହିଆସୁଥିବା ଲୁହର ଧାରକୁ ପୋଛି ଦେଇ କହିଲା, ଚାଲ..ଚାଲ୍, ଘରକୁ ଚାଲ୍, ରମେଶ ଅଧୀର ହୋଇଗଲା ଆନନ୍ଦରେ। ଘରକୁ ଆସି ସୁଧା ତା' ମଥାରେ ତିଳକ ଲଗେଇ ତା' ହାତରେ ରାଖୀ ବାନ୍ଧି ମିଠା ଖୁଆଇଲା। ରମେଶ ଆଖିରେ ଲୁହ ଜକେଇ ଆସିଲା। ସୁଧା ତା' ମୁଣ୍ଡବାଳକୁ ସାଉଁଳେଇ ଦେଇ କହିଲା, ଆରେ ଆଜି ଭଳି ଦିନରେ ତୁ କାନ୍ଦୁଛୁ ? ରମେଶ ହସି ଦେଇ କହିଲା, ନାଇଁ ଅପା..ଏହା ତ ହେଉଛି ଖୁସିର ଲୁହ..! ଏତିକି କହି ରମେଶ ତା' ହାତରେ ବନ୍ଧା ହୋଇଥିବା ରାଖୀକୁ ଚୁମାଟିଏ ଦେଲା, ଆଉ ସୁଧା ପୁଣି ଗୋଟିଏ ମିଠା ଖୁଆଇ ଦେଲା ରମେଶକୁ।

**-ମନୋଜ କୁମାର ବେହେରା**
ୟୁନିଟ-୯, ବାୟାବାବା ମଠ ଲେନ, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

## ମତାମତ

❖ବିଜ୍ଞାନ କଥା 'ବାୟା ଚଢ଼େଇର ବସା' ଶିକ୍ଷଣୀୟ ବିଷୟ। ସେମାନଙ୍କ ଜୀବନ ସଂଘର୍ଷର ବହୁ ଅକୁହା କଥା ଜାଣିବାକୁ ପାଇଲି।
**-ଅନ୍ୱେଷା ପାଣିଗ୍ରାହୀ,** ଲୋକନାଥ ରୋଡ୍, ପୁରୀ


❖କବିତା ସ୍ତମ୍ଭରେ ପ୍ରକାଶ ପାଇଥିବା ସବୁ ବର୍ଷା କବିତା ଚମତ୍କାର ହୋଇଥିଲା।
**-ମାନସ ମହାପାତ୍ର,** କାକୁଡିଆ, ଜଟଣୀ

❖ପ୍ରତିଥର ପ୍ରକାଶ ପାଉଥିବା ଗପରୁ ନୀତିଶିକ୍ଷା ମିଳୁଛି। କୁନି କୁନି ପିଲାଙ୍କ ରଚିତ ଗଳ୍ପ ଏହି ସ୍ତମ୍ଭରେ ପ୍ରକାଶ ପାଇଲେ ଆହୁରି ଭଲ ହୁଅନ୍ତା।
**-ମୋନିକା ସେନାପତି,** ଆନନ୍ଦପୁର, କେନ୍ଦୁଝର

## ରଙ୍ଗ ଦିଅ



## ଗତ ଥରର ରଙ୍ଗ ଦିଅ





**ମୁକ୍ତା ଗୌଡ଼**
କ୍ଲାସ୍-୪,
ସରସ୍ୱତୀ ଶିଶୁ ମନ୍ଦିର, ରୂପ୍ରା ରୋଡ୍, କଳାହାଣ୍ଡି

## ଚଗଲା ଭୀମୁ



# ଭାଇ ପାଇଁ ଦିନଟିଏ



> ସେନେହ ସୂତାରେ ମମତାର ମାଳି
> ଦେଉଛି ବାନ୍ଧି ମୁଁ ହାତରେ ତୋର
> ମନେ ରଖିଥିବୁ ଭୁଲି ତୁ ନ ଯିବୁ
> ରେଶମୀ ଡୋରକୁ ନ କରି ପର ।

ରାଖୀ ପରମ୍ପରା କେବଳ ଓଡ଼ିଶାରେ ନୁହଁ, ସାରା ଦେଶରେ ବହୁ ଆଡ଼ମ୍ବର ସହକାରେ ପାଳନ କରାଯାଏ । ପ୍ରତି ବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଏହା ପାଳନ କରାଯାଏ । ଓଡ଼ିଆମାନେ ବଡ଼ଠାକୁର ବଳଭଦ୍ରଙ୍କ ଜନ୍ମଦିନ ଏହି ତିଥିରେ ପାଳନ କରିଥାନ୍ତି । ଏକ ପୌରାଣିକ କଥା ଅନୁଯାୟୀ, ଥରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ହାତରେ ହୋଇଥିବା ଏକ କ୍ଷତରୁ ରକ୍ତସ୍ରାବ ରୋକିବା ଲାଗି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ିର ପଣତ ଚିରି ବାନ୍ଧିଥିଲେ ; ଯାହାର ପ୍ରତିବଦଳରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଯେକୌଣସି ବିପଦରେ ସୁରକ୍ଷା ଦେବେ ବୋଲି ବଚନ ଦେଇଥିଲେ । ତେଣୁ କୁରୁସଭାରେ ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟରେ ସେ ନିଜ ସଂକଳ୍ପକୁ ରକ୍ଷା କରିବାକୁ ଯାଇ ତାଙ୍କର ସୁରକ୍ଷା କରିଥିଲେ । ପୁରାଣ ଶାସ୍ତ୍ରରୁ ଏହି ପର୍ବ ଆରମ୍ଭ ହୋଇଛି ବୋଲି ବିଶ୍ୱାସ କରାଯାଏ । ଭାଇ ଭଉଣୀଙ୍କ ପବିତ୍ର ବନ୍ଧନର ପ୍ରତୀକ ହେଉଛି ରାଖୀ । ଭାଇ ହାତରେ ଭଉଣୀ ରାଖୀ ବାନ୍ଧିବାକୁ ଏହିଦିନକୁ ସେ ଅନେଇ ବସିଥାଏ । ଏହିଦିନ ଘରେ ଘରେ ମିଠା ପିଠାର ଆସର ଜମେ । ତେବେ ଚଳିତବର୍ଷ ରାଖୀ ପୂର୍ଣ୍ଣିମାକୁ କିପରି ଧୁମ୍‌ଧାମ୍‌ରେ ପାଳନ କରିବାକୁ ପିଲାମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି, ସେ ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା......



## ଭାଇ ସହ ପୁରୀ ବୁଲିବାକୁ ଯିବି



ଏବର୍ଷ ରାଖୀ ପୂର୍ଣ୍ଣିମା ପାଳିବାକୁ ମୁଁ ଅପେକ୍ଷା କରି ରହିଛି । ସକାଳୁ ସକାଳୁ ଉଠି ପ୍ରଥମେ ଠାକୁରଙ୍କୁ ରାଖୀ ବାନ୍ଧିବା ପରେ ଭାଇ ହାତରେ ରାଖୀ ବାନ୍ଧିବି । ତା'କୁ ନିଜ ହାତରେ ପିଠା ମିଠା ଖୁଆଇ ଦେବି । ସବୁବର୍ଷ ପରି ଏଥର ମଧ୍ୟ ନିଜ ହାତରେ ରାଖୀ ତିଆରି କରିଛି । ଭାଇ ସହ ରାଖୀ ପୂର୍ଣ୍ଣିମାରେ ପୁରୀ ବୁଲିଯିବାର ପ୍ଲାନିଂ କରିଛି । ପୁରୀରେ ଏହିଦିନଠାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଥାଏ । ଶ୍ରୀମନ୍ଦିରରେ ବୁଲି ଝୁଲଣ ଯାତ୍ରା ଦେଖି ଘରକୁ ଫେରିବି ।

*–ଅନ୍ତରା ମିଶ୍ର, କ୍ଲାସ୍‌–୯,*
*କେନ୍ଦ୍ରୀୟ ବିଦ୍ୟାଳୟ ନଂ ୨, ବଲାଙ୍ଗୀର*

## ନାନୀ ହାତ ତିଆରି ପିଠା ଖାଇବି

ନାନୀ ଏଥର ରାଖୀ ପୂର୍ଣ୍ଣିମାରେ ଘରକୁ ଆସିବ । ସେ ପ୍ରତି ରାଖୀରେ ମୋ ପାଇଁ ବହୁତ ସୁନ୍ଦର ରାଖୀ ଆଣେ । ଆଉ ତା' ହାତ ତିଆରି ପିଠାମିଠା ଖାଇବାକୁ ଦିଏ । ସେ ମୋତେ ବହୁତ ଭଲପାଏ । ମୁଁ ତାକୁ ଗିଫ୍ଟ ଦେବା ବଦଳରେ ସେ ମୋର ଦରକାରୀ ହେଉଥିବା ଜିନିଷ ଗିଫ୍ଟ କରେ । ଆଉ ମୁଁ ତାକୁ ଚକୋଲେଟ୍ ଦିଏ । ଏଥର ସେ ମୋତେ ରାଖୀଦିନ ନୂଆ ଜାଗାକୁ ବୁଲେଇନେବାର ପ୍ଲାନିଂ କରିଛି ।



*–ସ୍ମୃତିସେନ୍ ବାରିକ,*
*କ୍ଲାସ୍‌–୧, ସାଇ ବଚ୍‌ପନ୍ ପ୍ଲେ ସ୍କୁଲ୍, ଜଗତ୍‌ସିଂହପୁର*

## ଭାଇ ପାଇଁ ରୋଷେଇ କରିବି



କୁହାଯାଏ ଦୁନିଆର ସବୁଠାରୁ ସୁନ୍ଦର ଓ ପବିତ୍ର ସମ୍ପର୍କ ହେଉଛି ଭାଇଭଉଣୀଙ୍କର । ତେଣୁ ଏହି ସମ୍ପର୍କକୁ ଆହୁରି ମଜଭୁତ୍ କରିବା ଲାଗି ରାଖୀ ପୂର୍ଣ୍ଣମୀ ଭାଇଭଉଣୀଙ୍କ ପାଇଁ ଏକ ଖାସ୍ ଦିନ ହୋଇଥାଏ । ଏଥର ବଜାର ଯାଇ ମୋ ଭାଇମାନଙ୍କ ପାଇଁ ସୁନ୍ଦର ସୁନ୍ଦର ରାଖୀ କିଣି ଆଣିଛି । ସେମାନଙ୍କ ପାଇଁ କିଛି ସ୍ପେଶାଲ କରିବି ବୋଲି ଭାବିଛି । ନିଜ ହାତରେ ସେମାନଙ୍କ ପାଇଁ ରାଖୀ ଦିନ ରୋଷେଇ କରିବି ବୋଲି ପ୍ଲାନିଂ କରିଛି ।

*–ମଞ୍ଜୁତା କ୍ରିଶାନୀ, କ୍ଲାସ୍‌–୯, ସରକାରୀ ୟୁଜି ହାଇସ୍କୁଲ,*
*ସିନ୍ଧ୍ରିମଲ, ମାଲକାନଗିରି*



## ଭଉଣୀକୁ ଗିଫ୍ଟ ଦେବି



ବର୍ଷ ଯାକ ଆମ ଦୁଇ ଭାଇଭଉଣୀଙ୍କ କଳିଝଗଡ଼ାରେ ବିତୁଥିଲେ ହେଁ ପରସ୍ପରକୁ ଆମେ ବହୁତ ଭଲପାଉ । ହେଲେ ରାଖୀ ପୂର୍ଣ୍ଣମୀ ଦିନ ସକାଳୁ ଉଠିବା ମାତ୍ରେ ସେ ମୋ ପାଖକୁ ଧାଇଁ ଆସେ । ବହୁ ସରାଗରେ ସେ ମୋତେ ରାଖୀ ବାନ୍ଧିଦିଏ । ପରସ୍ପରକୁ ମିଠା ଖୁଆଉ । ମୋ ପକେଟ୍ ମନିରୁ ଏଥର କିଛି ସଞ୍ଚୟ କରି ରଖିଛି । ତାକୁ ଗୋଟିଏ ସର୍‌ପ୍ରାଇଜ୍ ଗିଫ୍ଟ ଦେବି ବୋଲି ଭାବିଛି । ସେ ବହୁତ ଖୁସି ହେବ ।

*–ଅଭିଜିତ ମହାପାତ୍ର, କ୍ଲାସ୍‌–୮, ସରସ୍ୱତୀ ଶିଶୁ ମନ୍ଦିର, ରାୟଗଡା*




୧




୨



୩



୪



୫




୬



୭



୮



୯



୧୦

୧



**ଶୁଭଶ୍ରୀ ରାୟ**
କ୍ଲାସ–୬, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ସତ୍ୟବିହାର,ଭୁବନେଶ୍ୱର

୨

**ସାଇସ୍ୱାତୀ ବେହେରା**
କ୍ଲାସ– ୬, ରବୀନ୍ଦ୍ର
ବିଦ୍ୟା ନିକେତନ,
କେନ୍ଦୁଝର



୩



**ରାହୁଲ ରଞ୍ଜନ ସାହୁ**
କ୍ଲାସ୍–୯, ଆଦର୍ଶ,
ବିଦ୍ୟାଳୟ,
ଜୋକିଦୋଳ,
ବାଙ୍କୀ,କଟକ

୪

**ସ୍ୱୟଂ ସାଇ ବେହେରା**
କ୍ଲାସ– ୩, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ସତ୍ୟବିହାର



୫



**ଶାଶ୍ୱତ ଖଣ୍ଡୁଆଳ**
କ୍ଲାସ– ୪, ସେଣ୍ଟ
ଜାଭିଅର୍ସ ହାଇସ୍କୁଲ,
ଭିଏସଏସନଗର,
ଭୁବନେଶ୍ୱର

୬

**ଅମିତ୍ ଶୁଭ୍ରଜିତ୍ ସାହୁ**
କ୍ଲାସ–୪, ଭେଙ୍କଟେଶ୍ୱର
ଇଂଲିଶ ମିଡିୟମ ସ୍କୁଲ,
ରସୁଲଗଡ, ଭୁବନେଶ୍ୱର



୭



**ଅନିନ୍ଦ୍ୟ ଅରବିନ୍ଦ**
କ୍ଲାସ–୮, ଶ୍ରୀମଦ୍
ଭଗବଦ୍ ଗୀତା
ବିଦ୍ୟାମନ୍ଦିର, ନୟାପଲ୍ଲୀ,
ଭୁବନେଶ୍ୱର

୮

**ଅଂଶୁମାନ ପ୍ରଧାନ**
କ୍ଲାସ– ୬, କ୍ରୀଷ୍ଟମୂର୍ତ୍ତି
ୱାର୍ଲଡ ସ୍କୁଲ,
ପ୍ରତାପନଗରୀ, କଟକ



୯



**ଆୟୁଷ୍ମାନ୍ ମହାନ୍ତି**
କ୍ଲାସ– ୪, ଷ୍ଟିୱାର୍ଟ
ସ୍କୁଲ, ୟୁନିଟ–୮,
ଭୁବନେଶ୍ୱର

୧୦

**ପ୍ରାଞ୍ଜଳ ନାୟକ**
କ୍ଲାସ–୪, ଷ୍ଟିୱାର୍ଟ
ସ୍କୁଲ, ୟୁନିଟ–୮,
ଭୁବନେଶ୍ୱର



୧୧



**ତ୍ରିପୁରବିଜୟୀ ମହାନ୍ତି**
କ୍ଲାସ–୪, ସରସ୍ୱତୀ ଶିଶୁ
ମନ୍ଦିର, ସତ୍ୟବିହାର,
ଭୁବନେଶ୍ୱର



୧୧



କବିତା

## ବନ୍ଧନ

ଦେଲା ଡାକବାଲା ସେନେହ ବନ୍ଧନ
ଦେଇଛି ପାଗଳୀ ମୋର
ଖୋଲିଲି ସରାଗେ ରାଖୀ ସଙ୍ଗେ ଚିଠି
ଆସିଛି ଘରୁ ମୋହର ।
ଓଦା କରି ଆଖି ଲେଖିଅଛି ପତ୍ର
ଭଉଣୀ ନୟନ ମଣୀ
ବାନ୍ଧିବା ପାଇଁ କି ତୁମ ହାତେ ରାଖୀ
ଚାହିଁଛି ତୋର ଭଉଣୀ ।
ଆସିବୁ କହିଛୁ ରାଖୀ ପୂର୍ଣ୍ଣିମାକୁ
ଏଥର ପାଖକୁ ମୋର
କର୍ମ ବ୍ୟସ୍ତ କହି ଠକିବୁନି କେବେ
ବାହାନା ନିତି ତୋହର ।
ରୁଷିବି ନିଶ୍ଚୟ କଥା ହେବିନାହିଁ
ନ ଆସିଲେ ଛୁଟି ନେଇ
ତୋର ବାଟ ଚାହିଁ ରହିଥିବି ମୁହିଁ
ଆଶାର ସୌଧ ନେଇ ।
ଅବିଚ୍ଛେଦ୍ୟ ଏଇ ସମ୍ପର୍କ ଆମର
ଅଟଇ ଅମୂଲ ମୁଲ
ଚିର ପ୍ରତିଶ୍ରୁତି ଅମାପ ମମତା
ହୀରା ମୋତି ସମତୁଲ ।
ସ୍ନେହ ପ୍ରେମେ ବନ୍ଧା ସମ୍ପର୍କ ଆମର
ମହମହ ବାସୁଥାଉ
ଏଇ ଜନମରୁ ଆର ଜନ୍ମଯାଏ
ଏଇ ରାଖୀ ସାକ୍ଷୀ ରହୁ ।

*–ପ୍ରଣତି ଆଚାର୍ଯ୍ୟ ମିଶ୍ର*
*ନୟାଗଡ଼, ମୋ: ୯୪୩୭୬୪୨୯୪୭*

## ସ୍ନେହର ସାକ୍ଷୀ

ରାଖୀ ପାଇଁ ଦିନ ନୁହେଁ
ମନଟିଏ ଲୋଡ଼ା
ଭାଇ ପାଇଁ ଭଉଣୀ ସେ
ଈଶ୍ୱରଙ୍କ ଗଢ଼ା
ରକ୍ତର ସମ୍ପର୍କେ ଲେଖା
କାହାଣୀଟେ ନୂଆ
ହସ ଲୁହ ରାଗ ରୁଷା
ଏଇତ ଦୁନିଆ ।
ମୋ ଭାଇ ତ ରାଜା ହେଲେ
ଭାଉଜ ମୋ ରାଣୀ
ରାଖୀ ମୋର ସ୍ନେହ ସାକ୍ଷୀ
ମୁଁ ଗେହ୍ଲା ଭଉଣୀ
ଭାଇ ପାଦେ ଯେବେ କଣ୍ଟା
ଦିଏରେ ଆଘାତ
ଭଉଣୀ ଆଖିରୁ ଲୁହ
ଝରେ ଅବିରତ ।
ଯେତେ ଦିନ ଆକାଶରେ
ଥିବେରେ ସୂରୁଜ
ଶ୍ରାବଣ ଆସିବ ଆଣି
ରାଖୀର ମଉଜ ।

*–ବ୍ରହ୍ମମୟୀ ମିଶ୍ର*
*ତରଡ଼ାପଡ଼ା, ଜଗତ୍‌ସିଂହପୁର*
*ମୋ: ୯୪୩୮୫୩୬୩୭*

## ରାଖୀ ପୂନେଇଁ

ବରଷକ ପରେ ଆସିଗଲା ଭାଇ
ବଡ଼ ପୁନିଅଁ ଏ ରାଖି ପୂନେଇଁ
ସୁନା ଭାଇ ହାତେ ବାନ୍ଧି ଦେବ ରାଖି
ସୁନା ଭଉଣୀଟି ବସିଚି ଚାହିଁ ।
ଗାଁ' ସହରରେ ଘରେ ଘରେ ଆଜି
କି' ସେନେହ, କେତେ ଖୁସି, ସରାଗ,
କେତେ ପିଠା, ପଣା, ଖିରି, ଖେଚୁଡ଼ିର
ବଢ଼ିଆ ସୁବାସ, କେତେ ସୁଆଗ ।
ରଙ୍ଗ, ବେରଙ୍ଗର ପୋଷାକରେ କେତେ
ସୁନ୍ଦର ଲାଗନ୍ତି ଘରେ ସଭିଏଁ,
ଚାହାଳି, ଇସ୍କୁଲ୍, କଲେଜ୍ ଛୁଟିରେ
ଭାରି ଖୁସି ଆଜି ସବୁ ପିଲାଏ ।
ଭାଇ–ଭଉଣୀଙ୍କ ସ୍ନେହ, ମମତାର
ବଡ଼ ପରବ ଏ ଭାରତ ଭରା,
ଦେଶ, ବିଦେଶେ ବି ଆନନ୍ଦର ଢେଉ
ରାଖି ପାଳେ ଆଜି ଦୁନିଆ ସାରା ।
ସଜ ବାଜ ହୋଇ ଆସ କୁନା, ଟୁନା,
ରୁବିନା, ଛବିନା, ଝୁମୁରି, ଝାଇଁ,
ବରଷକ ପରେ ଦେଶ, ଦୁନିଆରେ
ଆସିଗଲା ଭାଇ ରାଖୀ ପୂନେଇଁ ।

*–ଆର୍ତ୍ତତ୍ରାଣ ମିଶ୍ର*
*କୈଳାସ ବିହାର, ଶୈଳଶ୍ରୀ ବିହାର,*
*ଭୁବନେଶ୍ୱର ମୋ:୯୯୨୮୬୪୯୮୨୦*

## ସ୍ନେହର ଡୋରି

ବରଷକେ କେତେ ସେନେହକୁ ନେଇ
ଆସିଛି ରାଖୀ ପୂନେଇଁ
ସେନେହ ରଙ୍ଗର ରାଖୀଟି ବାନ୍ଧିବ
ଭଉଣୀ ହାତରୁ ଭାଇ ।
ଜୀବନ ଯାକର ସେନେହ ସାଉଁଟି
ଭଉଣୀ ଯେ ଭାଇ ପାଇଁ
ଭରିଦିଏ ଯେତେ ରାଖୀର ଡୋରରେ
ତା' ସୁନା ଭାଇଟି ପାଇଁ ।
ଭାଇ ଭଉଣୀର ସେନେହ ବନ୍ଧନ
ବାନ୍ଧିରଖେ ଏଇ ରାଖୀ
ଭାଇ ଭଉଣୀର ସ୍ନେହ ବନ୍ଧନର
ସାକ୍ଷୀ ଏ ପରବ ରାଖୀ ।

*–ଅର୍ଚ୍ଚନା କର*
*ନୟାପଲ୍ଲୀ, ବେହେରାସାହି, ଭୁବନେଶ୍ୱର*

## ଗିନିଜ୍ ୱାର୍ଲ୍ଡ ରେକର୍ଡ

## ୫ ବର୍ଷରେ ତୀରନ୍ଦାଜ

ଅଦମ୍ୟ ସାହସ ଓ ଦୃଢ଼ ଇଚ୍ଛାଶକ୍ତି ହିଁ ମଣିଷକୁ ସଫଳତାର ଶିଖରରେ ପହଞ୍ଚାଇଥାଏ । ଏହାକୁ ପ୍ରମାଣ କରି ଦେଖାଇଛନ୍ତି ୫ବର୍ଷର ପି.ସଞ୍ଜନା । ସର୍ବକନିଷ୍ଠ ତୀରନ୍ଦାଜ ଭାବେ ସେ ଗିନିଜ୍ ରେକର୍ଡ କରିଛନ୍ତି । ତାମିଲନାଡୁର ସଞ୍ଜନା ସାଢ଼େ ତିନି ଘଣ୍ଟାରେ ୧୧୧୧ଟି ଶର ମାରି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି । ପାଠ ପଢ଼ିବା ସହ ପ୍ରତିଦିନ ସେ ୪ ଘଣ୍ଟା ଅଭ୍ୟାସ କରନ୍ତି । ସଞ୍ଜନାଙ୍କ ବାପା ଏକ ସରକାରୀ ଡାକ୍ତରଖାନାରେ କାମ କରନ୍ତି । ସେ କୁହନ୍ତି




ସଞ୍ଜନାକୁ ମୁଁ ଜଣେ ଅଲିମ୍ପିଆଡ ଭାବରେ ଅଲିମ୍ପିକରେ ଭାଗ ନେବାର ଦେଖିବାକୁ ଚାହେଁ । ଏଥିପାଇଁ ମୁଁ ଝିଅକୁ ପିଲାଟିବେଳୁ ଉତ୍ସାହିତ କରି ଆସିଛି । ସଞ୍ଜନାକୁ ତା'ର ଦ୍ୱିତୀୟ ଜନ୍ମଦିନରେ ମୁଁ ଏକ ଧନୁତୀର ଉପହାର ଦେଇଥିଲି । ଯେଉଁ ବୟସରେ ପିଲାମାନେ ଖେଳନାରେ ଖେଳିବା କଥା ସେହି ବୟସରେ ମୋ ଝିଅ ଧନୁତୀର ଅଭ୍ୟାସ କରିଛି । କିଣ୍ଡରଗାର୍ଡେନରେ ପଢୁଥିବା ସଞ୍ଜନା ଏକ ସାକ୍ଷାତ୍କାରରେ କହିଛନ୍ତି, ସେ କେବେ ଥକି ନାହାନ୍ତି କି ଥକିବେ ନାହିଁ । ଲକ୍ଷ୍ୟ ସାଧନ କରିବା ବେଳେ ତାଙ୍କୁ ବହୁତ ଖୁସି ଲାଗେ । ତେଣୁ ଏଥିପାଇଁ ସେ ସବୁ କଷ୍ଟକୁ ଖୁସିର ସହ ଗ୍ରହଣ କରିଥାନ୍ତି । ଅଲିମ୍ପିକରେ ଗୋଲ୍ଡ ମେଡାଲ୍ ପାଇବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି ।

## ଏଥରର

- ରାଖୀ ପୂର୍ଣ୍ଣିମା କେବେ ପାଳନ କରାଯାଏ ?
- ରାଖୀ ପୂର୍ଣ୍ଣିମା ଆଉ କେଉଁ ନାମରେ ପରିଚିତ ?
- ଏହିଦିନ କେଉଁ ଠାକୁରଙ୍କର ଜନ୍ମଦିନ ପାଳନ କରାଯାଏ ?
- ହିନ୍ଦୁଧର୍ମରେ କେଉଁ ପର୍ବରେ ରାଧା କୃଷ୍ଣଙ୍କୁ ଦୋଳିରେ ବସାଇ ଝୁଲାଯାଏ ?
- ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା କେଉଁ ରାଜାଙ୍କ ସମୟରେ ଆରମ୍ଭ କରାଯାଇଥିଲା ?

ଉ ତ୍ତ ର

## ଗତଥରର

- ଦ୍ରୌପଦୀ ମୁର୍ମୁ
- ପ୍ରତିଭା ଦେବୀ ସିଂ ପାଟିଲ
- ମୟୂରଭଞ୍ଜ
- ରାଷ୍ଟ୍ରପତି
- ଜୁଲାଇ ୨୫

## କହିଲ ଦେଖି

ପରବ ଅଟଇ ସମ୍ପର୍କର
ସମ୍ପର୍କ ସେ ତ ସବୁଠୁ ମଧୁର
ବରଷକୁ ଆସେ ଗୋଟିଏ ଥର
ସମ୍ପର୍କଟି ଭାଇ ଭଉଣୀଙ୍କର
କିଏ କହିବ ନାମ ତାହାର ?



**ଉତ୍ତର– ରାଖୀ ପୂର୍ଣ୍ଣିମା**

ରକ୍ଷା କବଚ ଅଟଇ ଭାଇର
ଭଉଣୀ ବାନ୍ଧଇ ଭାଇ ହାତର
ସମ୍ପର୍କଟି ଅଟେ ଅତି ମଧୁର
ଜାଣନ୍ତି ସମସ୍ତେ ଦୁନିଆରେ
କିଏ କହିବ ହାତ ଟେକରେ ?



**ଉତ୍ତର– ରାଖୀ**

ପୂର୍ଣ୍ଣିମାରେ ପୂଜା ହୁଏ ତାଙ୍କର
ରାଖୀ ସାଜଇ ତାଙ୍କର ହାର
ଭୋଗ ଲାଗଇ କେତେ ପ୍ରକାର
ପିଠାପଣା ସବୁ କରନ୍ତି ଆହାର
ଏ ପୂଜାର ନାମ କିଏ କହିବ ?



**ଉତ୍ତର– ଗୋମାତା ପୂଜା**

*–ରୋହିତ କୁମାର ମଲ୍ଲିକ*
*ଅଣ୍ଡରାଇ, ବୋଡ଼କ, ଭଦ୍ରକ*
*ମୋ: ୭୮୯୪୦୯୫୩୩୬*

# ଜଣା ଅଜଣା



## ପି କ୍ରାବ୍

ସମଗ୍ର ବିଶ୍ୱରେ କଙ୍କଡ଼ା ୪,୫୦୦ରୁ ଅଧିକ ପ୍ରଜାତିର ଦେଖିବାକୁ ମିଳନ୍ତି। ସେ ମଧ୍ୟରୁ କେତେକ ଲୁଣି,ଖାର,ମଧୁର ପାଣିରେ ରହିବାକୁ ପସନ୍ଦ କରନ୍ତି। କଙ୍କଡ଼ାଙ୍କ ମଧ୍ୟରେ 'ପି କ୍ରାବ' ପ୍ରଜାତି ସବୁଠାରୁ ଛୋଟ ବୋଲି ଜଣାଯାଏ। ସେମାନଙ୍କର ଲମ୍ୱା ୦.୨୭ରୁ ୦.୪୭ ଇଞ୍ଚ ପର୍ଯ୍ୟନ୍ତ ହୋଇଥାଏ।




## କିପରି ଖାଆନ୍ତି ଶାଗୁଣା

ଶାଗୁଣାର ଖାଦ୍ୟ ଖାଇବା ଶୈଳୀ ବଡ ବିଚିତ୍ର। ସାଧାରଣତଃ ସେମାନେ ବର୍ଜ୍ୟବସ୍ତୁ ଖାଇଥାଆନ୍ତି। ଗୋଟିଏ ମଲା ଜୀବ ଚାରିପଟରେ ଅନେକ ଶାଗୁଣା ଘେରି ରହିଥାଆନ୍ତି। ପ୍ରଥମେ ବଡ଼ ଓ ବଳଶାଳୀ ଶାଗୁଣା ଖାଇବା ପରେ ଯାହା ବଳେ ତାହାକୁ ସେଠାରେ ଥିବା ଅନ୍ୟ ଶାଗୁଣାମାନେ ଖାଆନ୍ତି।



## ପଥର ପରି ମାଛ

ମାଛ ସବୁବେଳେ ପାଣି ଭିତରେ ରହିଥାଏ। ପାଣି ବାହାରେ ସେ ଅଳ୍ପ ସମୟ ବଞ୍ଚେ। ହେଲେ ଏପରି ଏକ ମାଛ ଅଛି ଯିଏ ପାଖାପାଖି ୨୪ ଘଣ୍ଟା ପାଣି ବାହାରେ ବଞ୍ଚି ରହିପାରେ। ସେହି ମାଛଟି ସାଇନୋସିଆ ଭେରୁକୋସା। ଏହା ଦେଖିବାକୁ ପଥର ପରି। ତେଣୁ ତାକୁ ଚିହ୍ନିବା ବହୁତ କଷ୍ଟସାଧ ହୋଇଥାଏ। ଏହା ଏକ ବିଷାକ୍ତ ମାଛ।



## ସିମ୍ପାଞ୍ଜିର ଓଜନ

ପୁରୁଷ ସିମ୍ପାଞ୍ଜିର ଓଜନ ପ୍ରାୟ (୪୦– ୬୦)କି.ଗ୍ରା ହୋଇଥାଏ। ଗୋଟିଏ ସିମ୍ପାଞ୍ଜିର ଲମ୍ୱ ୪ରୁ ୫.୫ଫୁଟ୍। ତାଙ୍କର ଜୀବନକାଳ ପ୍ରାୟ ୫୦–୬୦ବର୍ଷ ହୋଇଥାଏ। ସିମ୍ପାଞ୍ଜିର ଲାଞ୍ଜ ନ ଥାଏ।





## ୟୁକାଲିପଟାସ ପତ୍ର ଖାଆନ୍ତି କୋଆଲା

କୋଆଲା ସାଧାରଣତଃ ଅଷ୍ଟ୍ରେଲିଆରେ ଦେଖାଯାନ୍ତି। କୋଆଲା ଏକ ଶାକାହାରୀ ପ୍ରାଣୀ। ସେମାନେ ଗୋଟିଏ ଦିନରେ ଏକ କିଲୋଗ୍ରାମ ୟୁକାଲିପଟାସ ପତ୍ର ଖାଇଥାନ୍ତି। ଏମାନଙ୍କର ଏକମାତ୍ର ଖାଦ୍ୟ ୟୁକାଲିପଟାସ ପତ୍ର କହିଲେ ଅତ୍ୟୁକ୍ତି ହେବନି।

## କେବେ ଶୁଏ ନାହିଁ ପିମ୍ପୁଡ଼ି

ପିମ୍ପୁଡ଼ି କେବେ ଶୁଅନ୍ତି ନାହିଁ। ଦିନରାତି ସବୁବେଳେ ଜାଗ୍ରତ ଥାଆନ୍ତି। ଆଉ ଏକ ରୋଚକ କଥା ହେଲା ଏମାନଙ୍କର ଶରୀରରେ ଫୁସଫୁସ (ଲଙ୍ଗ୍ସ) ନ ଥାଏ।



# ଆ ଇ ନା



**ପ୍ରଦନ୍ୟା ମିଶ୍ର**
୬ ବର୍ଷ / ରାଉରକେଲା

**ଶାନ୍ଭୀ ନାୟକ**
୫ ବର୍ଷ / ଘଞ୍ଜେଶ୍ୱର

